# କେତୋଟି ନିରୀହ ପ୍ରଶ୍ନ

୧୩/୦୨/୧୯୯୪

ଗତ ୧୦ ତାରିଖ ଦିନ କେନ୍ଦ୍ରୀୟ ସୁରକ୍ଷା ବଳର ଭାଇମାନେ ରାଜଧାନୀ ସହରର ପ୍ରିୟଦର୍ଶିନୀ ବଜାର ଓ ତାହାର ଆଖପାଖ ଅଞ୍ଚଳରେ ଯେଉଁ କାଣ୍ଡ ଅନାୟାସରେ କରିଗଲେ ଏବଂ ଏହି ଘଟଣା ପ୍ରବାହରେ ଆମ ସମସ୍ତଙ୍କର ଯେଉଁ ଭୂମିକା ରହିଲା, ତାହା ଅନେକ ଗୁଡ଼ିଏ ନିରୀହ ପ୍ରଶ୍ନକୁ ଅପେକ୍ଷା କରୁଛି ।

ସାଧାରଣ ନାଗରିକର ଧନ ଜୀବନର ସୁରକ୍ଷା ଗୋଟିଏ ଗଣତାନ୍ତ୍ରିକ ସରକାରର ସର୍ବନିମ୍ନ ଦାୟିତ୍ୱ । ପୁଣି ନୂଆକରି ଗଢ଼ି ଉଠିଥିବା ସହରାଞ୍ଚଳ ମାନଙ୍କରେ କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ସୁରକ୍ଷା ଓ ପ୍ରୋତ୍ସାହନ ଦେଲେ ଆମର ନଗର ଜୀବନ ଅଧିକ ସରସ ସୁନ୍ଦର ହୋଇଥାଏ । ଆଜି ପ୍ରଶ୍ନ ଉଠୁଛି, ଆମର ଧନ ଜୀବନ ଏଠି ସୁରକ୍ଷିତ କି ? ସୁରକ୍ଷାର ପରିଭାଷା ବିଭିନ୍ନ ଦୃଷ୍ଟିକୋଣରୁ କରାଯାଇପାରେ । କିନ୍ତୁ ଏହାର ପରିମାପକ ନାଗରିକର ମାନସିକତା ଉପରେ ନିର୍ଭର କରେ । ମୁଁ ଯଦି ନିଜକୁ ନିଜେ ସୁରକ୍ଷିତ ନମଣିଲି, ମୁଖ୍ୟମନ୍ତ୍ରୀ ଓ ପୋଲିସ୍ ଡି.ଜି. ଯେତେ ଯାହା କହିଲେ ମଧ୍ୟ ତାହା ମୂଲ୍ୟହୀନ ମନେହୁଏ । ବହୁ ବର୍ଷରୁ ମହାତ୍ମା ଗାନ୍ଧୀ ସୁରକ୍ଷା ଓ ସ୍ୱାଧୀନତାର ପରିଭାଷା ଆମକୁ ଦେଇ ଯାଇଛନ୍ତି । ( ଭାରତୀୟ ନାରୀ ମଧ୍ୟରାତ୍ରରେ ରାଜରାସ୍ତାରେ ଯେତେବେଳେ ନିର୍ଭୟରେ ଚାଲବୁଲ କରିପାରେ, ସେତେବେଳେ

## ଆମଘରର ହାଲଚାଲ

**ସୌମ୍ୟରଂଜନ ପଟ୍ଟନାୟକ**

ଆମେ ନିଜକୁ ସ୍ୱାଧୀନ ବୋଲି କହି ପାରିବୁ) । ରାଜଧାନୀରେ ଆଜି ପ୍ରତ୍ୟେକ ନାଗରିକ ନିଜକୁ ସୁରକ୍ଷିତ ମଣୁଛନ୍ତି କି ? ଆମର କାହିଁକି ମନେହୁଏ, ଏ ଆସ୍ଥା ଓ ବିଶ୍ୱାସ ଆମେ ସମସ୍ତେ ଆମ ବ୍ୟବସ୍ଥା ଉପରୁ ହରାଇ ବସିଲୁଣି ।

ଗତ ୧୦ ତାରିଖର ଘଟଣା, ସଂପୂର୍ଣ୍ଣ ଅପ୍ରତ୍ୟାଶିତ ଥିଲା କି ? ଏ ଘଟଣାର କିଛି ଦିନ ପୂର୍ବେ ଜୱାନ ଭାଇ ମାନଙ୍କର କଥିତ ଅଶ୍ଳୀଳ ଇଙ୍ଗିତକୁ କେନ୍ଦ୍ରକରି, ପ୍ରିୟଦର୍ଶିନୀ ବଜାରରେ କିଛିଟା ଉତ୍ତେଜନା ପ୍ରକାଶ ପାଇଥିଲା । ଏବଂ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା । ଆପୋଷ ଆଲୋଚନା ମାଧ୍ୟମରେ ଏହାର ସମାଧାନ ପାଇଁ କେନ୍ଦ୍ରୀୟ ସୁରକ୍ଷା ବଳର ଅଧିକାରୀମାନେ ଉଦ୍ୟମ କରିଥିଲେ । କିନ୍ତୁ ସ୍ଥାନୀୟ ପୋଲିସର ଉପସ୍ଥିତିରେ ଏହି ବିଚାର ହେଉ ବୋଲି ବ୍ୟବସାୟୀ ମାନେ ଜିଦ୍ ଧରିବାରୁ ବୋଧହୁଏ କେନ୍ଦ୍ରୀୟ ସୁରକ୍ଷା ବଳର ଅଧିକାରୀମାନେ ଏହାକୁ ଅସମ୍ମାନଜନକ ମନେକଲେ ଏବଂ ସମାଧାନ ସମ୍ଭବହେଲା ନାହିଁ । ତେବେ ଏଭଳି ଏକ ସ୍ପର୍ଶକାତର ପରିସ୍ଥିତିର ମୁକାବିଲା କରିବା ପାଇଁ କେନ୍ଦ୍ରୀୟ ସୁରକ୍ଷା ବଳର ଅଧିକାରୀ ମାନେ ପରେ କି ଉଦ୍ୟମ କଲେ ? ୧୦ ତାରିଖ ଦିନ ରାତିର ଘଟଣାରେ କେନ୍ଦ୍ରୀୟ ସୁରକ୍ଷା ବଳର ଦାୟିତ୍ୱରେ ଥିବା ଅଧିକାରୀମାନଙ୍କର କି ଭୂମିକା ଥିଲା ? ସେମାନଙ୍କର ଆଚରଣ ଏବଂ ପରବର୍ତ୍ତୀ ଘଟଣାବଳୀରୁ ଏଥିରେ ଯେ ସେମାନଙ୍କର ପୃଷ୍ଠପୋଷକତା ଓ ପ୍ରୋତ୍ସାହନ ରହିଥିଲା, ତାହା ସ୍ପଷ୍ଟ ହୋଇଯାଉ ନାହିଁ କି ?

ଗତ ୧୦ ତାରିଖର ଘଟଣା ଅନ୍ୟ ଏକ ମୌଳିକ ଏବଂ ଅଧିକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉତ୍ଥାପନ କରୁଛି । ଆମ ପୋଲିସର ଆଚରଣରୁ କେଜାଣି କାହିଁକି ମନେ ହେଲା ଯେ ସମୁଦାୟ ଘଟଣାଟିକୁ ସମ୍ଭାଳିବାରେ ଆମ ପୋଲିସ୍ ନିଜକୁ ଅସମାନ ଓ ଅସମର୍ଥ ମନେ କରୁଥିଲେ । "ସି.ଆର.ପି. ବାଲା ଆମର ବଡ଼ବାପା ! ଆମେ ତାଙ୍କର କ'ଣ କରିପାରିବୁ" ? ଆଦି ଅନେକ ସ୍ୱୀକାରୋକ୍ତି ଏ ସନ୍ଦେହକୁ ଆହୁରି ଘନୀଭୂତ କରୁଛି । ତେଣୁ ପ୍ରଶ୍ନ ଉଠୁଛି, ସି.ଆର୍.ପି. ଜୱାନ ମାନେ କ'ଣ ଆଇନ ବ୍ୟବସ୍ଥାର ଉର୍ଦ୍ଧ୍ୱରେ ? ନା ଆମ ପୋଲିସର ଦୁର୍ବଳତାର ସୁଯୋଗ ନେଇ ସେମାନେ ଏପରି ବେ-ପରୱା ହୋଇ ଉଠିଛନ୍ତି ? ଆମ ପୋଲିସର ଏ ଦୁର୍ବଳତା ପାଇଁ ଦାୟୀ କିଏ ? ଆମର କାହିଁକି ମନେ ହୁଏ ଯେ ବିଜୁବାବୁଙ୍କର ଗାମ୍ଭିର୍ଯ୍ୟଆଲୀ ମନୋଭାବ ଏବଂ ଅବାଞ୍ଛିତ ଆଚରଣ ଯୋଗୁ ପୋଲିସ୍ ବିଭାଗର ଏପରି ଅବସ୍ଥା ହୋଇଛି । ଏଠି ଡି.ଜି. ପଦ ପାଇଁ ମାସ ମାସ ଧରି ଖୋଲାଖୋଲିରେ ଲବି ଚାଲିଛି ତ ବରିଷ୍ଠ ଅଧିକାରୀମାନଙ୍କ ମଧ୍ୟରେ ପ୍ରଭାବଶାଳୀ ହେବା ପାଇଁ ଆବଶ୍ୟକ ଥିବା ସର୍ବନିମ୍ନ ବୁଝାମଣା ନାହିଁ । ବିଲ୍ ଅନାଦେୟରୁ କେଉଁ ଥାନାର ଟେଲିଫୋନ୍ ଲାଇନ୍ କଟିଛି ତ, କେଉଁଠି ପେଟ୍ରୋଲିଂ କରିବା ପାଇଁ ଆବଶ୍ୟକ ସର୍ବନିମ୍ନ ଡିଜେଲ, ପେଟ୍ରୋଲ ନାହିଁ । ଦଳୀୟ କର୍ମୀ ଏବଂ ପ୍ରତିନିଧିମାନଙ୍କର ସ୍ୱାର୍ଥସାଧନ ପାଇଁ ନିଜର ମନଲାଖି ଥାନାବାବୁ ଖୋଜା ଏବଂ ବଦଳି ପାଲା ପ୍ରତିଦିନ ଚାଲିଛି । ପୋଲିସ୍ ବ୍ୟବସ୍ଥାର ସଂପୂର୍ଣ୍ଣ ରାଜନୀତିକରଣ, ଆଜି ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ସଂପୂର୍ଣ୍ଣ ବିପର୍ଯ୍ୟସ୍ତ କରି ଆମ ସମସ୍ତଙ୍କୁ ଅରାଜକତା ମଧ୍ୟକୁ ଠେଲି ଦେଇଛି । ଖୋଦ୍ ମୁଖ୍ୟମନ୍ତ୍ରୀ ପୋଲିସ୍ ବିଭାଗର ଦାୟିତ୍ୱରେ ଏବଂ ସେ ନିଜେ ରାଜଧାନୀ ସହରର ନିର୍ବାଚିତ ଲୋକ ପ୍ରତିନିଧି । କଳିଙ୍ଗ ଷ୍ଟୁଡ଼ିଓରେ 'ଖାରବେଳ' ଚଳଚ୍ଚିତ୍ରର ମହୁରତ ପାଇଁ ତାଙ୍କୁ ସମୟ ମିଳିଲା; ଅଥଚ ନିଜର ଭୋଟର ଭାଇ ଭଉଣୀମାନଙ୍କ କଥା ବୁଝିବା ପାଇଁ ଜମା ସମୟ ହେଲା ନାହିଁ ! ନା, ଘଟଣାସ୍ଥଳକୁ ନିରାପଦରେ ଆସିବା ପାଇଁ ସେ ନିଜ ପୋଲିସ୍ ବିଭାଗ ଉପରେ ଭରସି ପାରିଲେ ନାହିଁ ?

ଓଡ଼ିଶାରେ ଆଜି ଏ ଅରାଜକତା ପାଇଁ ଦାୟୀ କିଏ ? ଓଡ଼ିଶାବାସୀ କ'ଣ ଏଇଥିପାଇଁ ବିଜୁବାବୁ ଓ ଜନତା ଦଳକୁ ଏତେ ସମର୍ଥନ ଦେଇ କ୍ଷମତାସୀନ କରାଇଥିଲେ ?

ଆମର ଶେଷ ପ୍ରଶ୍ନ ଦୈନିକ 'ସମ୍ବାଦ' ଓ 'ସନ୍‌ଟାଇମସ୍'ର ପରିବାରର ସମସ୍ତେ ପ୍ରିୟଦର୍ଶିନୀ ବଜାର ଭାଇମାନଙ୍କର ପ୍ରତିବେଶୀ । ସେଇଥିପାଇଁ ହୁଏତ, ଆମେ ଜୱାନ ଭାଇମାନଙ୍କର ଆକ୍ରୋଶର ଶୀକାର ହୋଇଥାଇ ପାରୁ । ତା ନହୋଇଥିଲେ, ଗୋଟିଏ ସମ୍ବାଦପତ୍ରର କାର୍ଯ୍ୟାଳୟ ମଧ୍ୟରେ ପଶି ଯାବତୀୟ ଭଙ୍ଗାରୁଜା କରି, କର୍ତ୍ତବ୍ୟରତ ସାମ୍ବାଦିକମାନଙ୍କୁ ଆକ୍ରମଣ କରିବା ପଛରେ କି ଉଦ୍ଦେଶ୍ୟ ଥାଇପାରେ ? ଉତ୍ତର ଜୱାନ ଭାଇମାନଙ୍କର ଆମ ଉପରେ ଆକ୍ରମଣକୁ ଏହିପରି ବୁଝାଯାଇ ପାରେ । କିନ୍ତୁ ଆକ୍ରମଣର ଶୀକାର ହେବା ପରେ ଘରୋଇ ସଚିବ ଓ ପୋଲିସକୁ ବାରମ୍ବାର ଖବର ଦେବା ସତ୍ତ୍ୱେ, ବିଜୁବାବୁଙ୍କ ପାଖରେ, କନେଷ୍ଟବଳଟିଏ ମଧ୍ୟ ନଥିଲା, ଆମ କଥା ବୁଝିବା ପାଇଁ । ଏକଥା ଆମେ ନିଜେ ବୁଝିପାରୁ ନାହୁଁ ଅନ୍ୟକୁ ବୁଝାଇବୁ କ'ଣ ? କେବଳ ଏତିକି ବୁଝି ହେଉଛି, ଯେ 'ସମ୍ବାଦ' ବିଜୁବାବୁଙ୍କର ଦୋଷ ଦୁର୍ବଳତାକୁ ଲୋକ ଲୋଚନକୁ ଆଣିବା ପାଇଁ ଚେଷ୍ଟା କରୁଛି । ତାଙ୍କୁ ମାଡ଼ ହୋଇଛି, ଠିକ୍ ହୋଇଛି । ସେ ବିଷୟରେ ଚିନ୍ତା କରିବା ବିଜୁ ବାବୁଙ୍କ ପୋଲିସର କିଁ ଦରକାର ?